THE NEW INDIAN EXPRESS

**Tue Nov 03 2015**

# Incubation Centre to Boost IIT Startups

**Express News Service**

**Bhubaneswar:** The IIT-Bhubaneswar will set up an incubation centre on its campus this year for students to develop their entrepreneurial ideas and startups. The centre will be ready by the new academic session of 2016-17.

Informing this to mediapersons during the golden jubilee celebration of College of Agricultural Engineering and Technology (CAET) of OUAT here on Monday, IIT Director RV Raja Kumar said students passing from the institution can stay back on campus for a period of two years and develop their entrepreneurial ideas at the incubation centre.

Farm machinery and food services will be one of the focus areas in the centre.

The IIT Director said the institution has this year entered into a collaboration with CAET for its ongoing research project to improve ground water/moisture retention in agriculture land.

For the project titled 'Improving Ground Water Level and Quality in Eastern India for Agriculture', both CAET and IIT have adopted three villages in Banki block of Cuttack district where solar power sensor boards have been installed to calculate changing pattern of soil moisture according to the temperature.

Over a dozen PhD students of CAET are working on the project that is being funded by the IT Research Academy (ITRA), a national programme under Ministry of Communications and Information Technology (MCIT). While the entire project cost is around ₹3.5 crore, this year, the Central Government has sanctioned ₹1.2 crore for IIT-Bhubaneswar and and ₹41 lakh for CAET.

SAMBAD
ସମ୍ବାଦ

**Wed Nov 04 2015**

# ଆଇଆଇଟିରେ ହେବ ଇନ୍‌କ୍ୟୁଭେଟର କେନ୍ଦ୍ର

● ଛାତ୍ରଛାତ୍ରୀଙ୍କୁ ଦିଆଯିବ ଉଦ୍ୟୋଗ ସମ୍ପର୍କିତ ତାଲିମ

● ଗ୍ରାମାଞ୍ଚଳ ବିକାଶ ପାଇଁ ସରକାରୀ ଅଧିକାରୀଙ୍କୁ ମିଳିବ ପ୍ରଶିକ୍ଷଣ

ଭୁବନେଶ୍ୱର,୩।୧୧(ଇମିସ): ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଦିଗରେ ପଦକ୍ଷେପ ନେଇଛନ୍ତି କର୍ତ୍ତୃପକ୍ଷ। ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନଭାବେ ଅଇଆଇଟିର ଜଟଣୀସ୍ଥିତ କ୍ୟାମ୍ପସ୍‌ରେ ଏକ ଟେକ୍ନୋଲୋଜି ଇନ୍‌କ୍ୟୁଭେଟର କେନ୍ଦ୍ର ଖୋଲାଯିବ। ୨୦୧୬-୧୭ ଶିକ୍ଷାବର୍ଷରୁ ଏଠାରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯିବ। ଦେଶର ଅନ୍ୟ ଆଇଆଇଟିଗୁଡ଼ିକ ପରି ଏଠାରେ କେବଳ ନିଜ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆ ନ ଯାଇ ସରକାରୀ ସଂସ୍ଥାର କର୍ମକର୍ତ୍ତାଙ୍କୁ ମଧ୍ୟ ତାଲିମ ଦେବାକୁ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ଆଇଆଇଟି ନିର୍ଦ୍ଦେଶକ ଆରଭି ରାଜକୁମାରଙ୍କ କହିବାନୁଯାୟୀ, ଦେଶର ଉନ୍ନତି ଦିଗରେ ଉଦ୍ୟେଗର ପ୍ରମୁଖ ଭୂମିକା ରହିଛି। ତାହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି କେନ୍ଦ୍ର ଦେଶରେ ଥିବା ପ୍ରମୁଖ ଇନ୍‌କ୍ୟୁଭେଟର ସେଣ୍ଟର ପରି ହେବ। ଉଦ୍ୟୋଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ପିଲାଙ୍କୁ ତାଲିମ ଦିଆଯିବ। ପଢ଼ିବା ପରେ ଏଠାକାର ପିଲାମାନେ ଯେପରି ତାଲିମ ନେଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ କେବଳ ଏଠାକାର ଛାତ୍ରଛାତ୍ରୀଙ୍କ ଲାଗି ଏହି ସେଣ୍ଟର୍ ଉପଯଗ ହେବ। ପରବର୍ତ୍ତୀ ସମୟରେ ଆଇଆଇଟି ପକ୍ଷରୁ ଏହାର ଶାଖା ସମ୍ପ୍ରସାରଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନେ ଏଠାରୁ ଡିଗ୍ରି ହାସଲ କରି ସାରିବା ପରେ ମଧ୍ୟ କ୍ୟାମ୍ପସରେ ରହି ଉଦ୍ୟୋଗ ସମ୍ପର୍କିତ ଶିକ୍ଷା ପାଇଁ ଲାବରେଟୋରି, ଲାଇବ୍ରେରିକୁ ବ୍ୟବହାର କରିପାରିବେ ବୋଲି ନିର୍ଦ୍ଦେଶକ ଶ୍ରୀ ରାଜକୁମାର ସୂଚନା ଦେଇଛନ୍ତି। ଏବେ ଦେଶରେ ୫୦ଟି ଇନ୍‌କ୍ୟୁଭେଟର ସେଣ୍ଟର ରହିଛି।

ଅନ୍ୟପକ୍ଷରେ ରାଜ୍ୟ ଗ୍ରାମାଞ୍ଚଳଗୁଡ଼ିକରେ ରାସ୍ତା ନିର୍ମାଣ ସମ୍ପର୍କିତ ଜ୍ଞାନ କୌଶଳ ତାଲିମ ପ୍ରଦାନ କ୍ଷେତ୍ରରେ ମଧ୍ୟ ଆଇଆଇଟି ସହଯୋଗର ହାତ ବଢ଼ାଇଛି। ରାସ୍ତା ନିର୍ମାଣ କରୁଥିବା ବିଶେଷଜ୍ଞ, ଇଞ୍ଜିନିୟର ଏବଂ ଶ୍ରମିକମାନଙ୍କୁ ଆଇଆଇଟି ପ୍ରଫେସରମାନେ ତାଲିମ ଦେବେ। ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କିଭଳି ରାସ୍ତା ନିର୍ମାଣ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହାକୁ ରାଜ୍ୟ ସରକାର ବହନ କରିବେ। ଏସିଆନ୍ ଡେଭଲ୍‌ପମେଣ୍ଟ ବ୍ୟାଙ୍କ(ଏଡିବି) ଏଥିପାଇଁ ସରକାରଙ୍କୁ ସହାୟତା ପ୍ରଦାନ କରିବ। ରାଜ୍ୟରେ ଶିକ୍ଷା, ଗ୍ରାମାଞ୍ଚଳରେ ସୌରଶକ୍ତିର ବିକାଶ, ସ୍ୱାସ୍ଥ୍ୟ, ଟେଲି ମେଡିସିନ୍ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆଇଆଇଟି ପକ୍ଷରୁ ଏକ ଇନୋଭେସନ କାଉନସିଲ୍ ମଧ୍ୟ ଗଠନ କରାଯିବ। ଏନେଇ କିଛି ଦିନ ତଳେ ଏକ ରାଜିନାମା ହୋଇଛି ବୋଲି ଆଇଆଇଟି ନିର୍ଦ୍ଦେଶକ ଶ୍ରୀ ରାଜକୁମାର ସୂଚନା ଦେଇଛନ୍ତି।